ଓଡିଶା ସରକାର

# ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ ବିଭାଗର କାର୍ଯ୍ୟାବଳୀ ବିବରଣୀ

# ୨୦୦୮ - ୨୦୦୯

ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ ବିଭାଗ

# ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ ବିଭାଗର କାର୍ଯ୍ୟାବଳୀ ବିବରଣୀ
## ୨୦୦୮ - ୨୦୦୯

ଜନସାଧାରଣଙ୍କର ଆପତ୍ତି ଓ ଅଭିଯୋଗଗୁଡିକର ଆଶୁ ସମାଧାନ ପରିପ୍ରେକ୍ଷୀରେ ସାଧାରଣ ପ୍ରଶାସନ ବିଭାଗର ସଙ୍କଳନ ନଂ. ୫୩୫୧, ତା ୧୩ ମାର୍ଚ୍ଚ ୧୯୯୦ରିଖ ଅନୁଯାୟୀ ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ ବିଭାଗ ସୃଷ୍ଟି ହୋଇଅଛି । ଏହାର ଅଧୀନସ୍ଥ ‘‘ସାଧାରଣ ଅଭିଯୋଗ‘‘ ଶାଖାଟି ସାଧାରଣ ପ୍ରଶାସନ ବିଭାଗରୁ ଓ ‘‘ପେନ୍‌ସନ୍ ପ୍ରଶାସନ‘‘ ଶାଖାଟି ଅର୍ଥ ବିଭାଗରୁ ଅଣାଯାଇଅଛି । ସ୍ୱଳ୍ପ କର୍ମଚାରୀଙ୍କୁ ନେଇ ଉକ୍ତ ବିଭାଗ ଏହାର ଉଦ୍ଦେଶ୍ୟ ଫଳବତୀ କରିବା ନିମନ୍ତେ ଉଦ୍ୟମ ଜାରି ରଖିଛି ।

(କ) ସରକାରୀ କର୍ମଚାରୀମାନଙ୍କର ଜନସାଧାରଣଙ୍କ ପ୍ରତି ସୌଜନ୍ୟର ଅଭାବ

(ଖ) ପ୍ରିୟାପ୍ରୀତି ତୋଷଣ

(ଗ) ଦୁର୍ନୀତି

(ଘ) ପେନ୍‌ସନ୍ ଓ ଅନ୍ୟାନ୍ୟ ମାମଲା ଫଏସଲା କରିବାରେ ବିଳମ୍ବ

୨. ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ଉକ୍ତ ବିଭାଗ କେନ୍ଦ୍ର ସରକାରଙ୍କ ‘‘କାର୍ମିକ ସାଧାରଣ ଅଭିଯୋଗ ଓ ପେନ୍‌ସନ୍‘‘ ମନ୍ତ୍ରଣାଳୟ ସହ ନିବିଡ ସହଯୋଗ ରଖି ସମସ୍ତ ପ୍ରଶାସନିକ ବିଭାଗ, ମୁଖ୍ୟ ବିଭାଗୀୟ ଦପ୍ତର, ଜିଲ୍ଲା, ତହସିଲ ଓ ବ୍ଲକରେ ଥିବା ଅଭିଯୋଗ ଗୁଡିକର ଫଏସଲା ନିମିତ୍ତ ବିହିତ ପଦକ୍ଷେପ ନେଉଅଛି । ପ୍ରକାଶ ଥାଉକି ଏହି ବିଭାଗର କୌଣସି ଜିଲ୍ଲାସ୍ତରୀୟ କିମ୍ବା ବ୍ଲକସ୍ତରୀୟ କ୍ଷେତ୍ର କାର୍ଯ୍ୟାଳୟ ନାହିଁ । ରାଜ୍ୟ ବିଧାନସଭାର ସ୍ଥାୟୀ କମିଟିର ସୁପାରିଶ କ୍ରମେ ଏହି ବିଭାଗ ତାର ଜିଲ୍ଲାସ୍ତରରେ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ପଦକ୍ଷେପ ନେଉଛି ।

<u>ସାଧାରଣ ଅଭିଯୋଗ କକ୍ଷର କାର୍ଯ୍ୟ</u>

ମୁଖ୍ୟମନ୍ତ୍ରୀ, ବିଭାଗୀୟ ଶାସନ ସଚିବ, ବିଭାଗୀୟ ମୁଖ୍ୟ ଦପ୍ତରଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର ଓ ବ୍ଲକସ୍ତରରେ ସାଧାରଣ ଅଭିଯୋଗ ପ୍ରକୋଷ୍ଠମାନ ଖୋଲାଯାଇଅଛି । ମାସର ଦ୍ୱିତୀୟ ଶନିବାର ଓ ସରକାରୀ ଛୁଟି ବ୍ୟତୀତ ପ୍ରତ୍ୟେକ ସପ୍ତାହର ଶନିବାରଟି ଅଭିଯୋଗ ଆବେଦନ ପତ୍ର ଗ୍ରହଣ କରିବାକୁ ସ୍ଥିରିକୃତ କରାଯାଇଅଛି । ଏହା ଛଡା ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ ବିଭାଗ ରାଜ୍ୟସ୍ତରୀୟ ଏକ ନୋଡାଲ ବିଭାଗ ଅଟେ । ଏହି ବିଭାଗରେ ଦେଶର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ହେଉଥିବା ଆବେଦନ ପତ୍ରଗୁଡିକର ଫଏସଲା ନିମିତ୍ତ ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ସହ ପଠାଯାଉଅଛି ।

ଉକ୍ତ ବିଭାଗର କମିଶନର-ତଥା-ଶାସନ ସଚିବ ଓ ନିର୍ଦ୍ଦେଶକଙ୍କୁ ସମ୍ବୋଧିତ ହେଉଥିବା ଆବେଦନ ପତ୍ର ମଧ୍ୟ ବିଭାଗରେ ଗ୍ରହଣ କରାଯାଉଅଛି ।

ସାଧାରଣ ଅଭିଯୋଗଗୁଡିକର ଫଏସଲା ସକାଶେ ଉକ୍ତ ବିଭାଗ, ବିଭାଗୀୟ ସଚିବ, ବିଭାଗୀୟ ମୁଖ୍ୟ ଦପ୍ତର, ଜିଲ୍ଲାପାଳ ଓ ଅନ୍ୟାନ୍ୟ ସଂପୃକ୍ତ ଅଧିକାରୀଙ୍କ ଉପରେ ନିର୍ଭରଶୀଳ । ତେଣୁ ଆବେଦନ ପତ୍ରଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଓ ତାହାର ଫଳାଫଳ ଜାଣିବା ନିମନ୍ତେ ସେମାନଙ୍କ ନିକଟକୁ ଏ ସମସ୍ତ ପଠାଯାଇଥାଏ । ବାଂଛିତ ଆବେଦନ ପତ୍ର ଉପରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମଧ୍ୟ ଜଣାଇ ଦିଆଯାଉଅଛି ।

ସାଧାରଣ ଅଭିଯୋଗଗୁଡିକ ସୁରୁଖୁରୁରେ ଫଏସଲା କରିବା ସକାଶେ ନିମ୍ନଲିଖିତ ବ୍ୟବସ୍ଥା ସରକାର ଗ୍ରହଣ କରିଛନ୍ତି :-

(କ) ସାଧାରଣ ଅଭିଯୋଗଗୁଡିକ ଗ୍ରହଣ କରିବାକୁ ରାଜ୍ୟ ସରକାର ପ୍ରତ୍ୟକ ବିଭାଗର ଜଣେ ଲେଖାଏଁ '' ନୋଡାଲ ଅଫିସର '' ନିଯୁକ୍ତ କରିଛନ୍ତି । ଜନସାଧାରଣଙ୍କର ଅବଗତି ନିମନ୍ତେ '' ନୋଡାଲ '' ଅଫିସରମାନଙ୍କର ଏକ ତାଲିକା ଦୈନିକ ସମ୍ବାଦପତ୍ରରେ ପ୍ରକାଶ କରାଯାଇଅଛି । ସେମାନଙ୍କର କାର୍ଯ୍ୟକଳାପ ସମୟାନୁସାରେ ସମୀକ୍ଷା କରୁଅଛନ୍ତି ।

(ଖ) ପୁରୁଣା ଅଭିଯୋଗ ଓ ଏହାର ଫଏସଲା ତ୍ୱରାନ୍ୱିତ କରିବା ସକାଶେ ତଥା ପରିଲକ୍ଷିତ ହେଉଥିବା ତତ୍‌ସମ୍ବନ୍ଧୀୟ ତୃଟିକୁ ସୁଧାରିବା ପରିପ୍ରେକ୍ଷୀରେ ସମସ୍ତ ବିଭାଗ, ମୁଖ୍ୟ ଦପ୍ତର ଏବଂ ଜିଲ୍ଲାପାଳ ମାନଙ୍କର ସାଧାରଣ ଅଭିଯୋଗ ଫଏସଲା ସଂକ୍ରାନ୍ତୀୟ କାର୍ଯ୍ୟକଳାପ ଏହି ବିଭାଗ ପ୍ରତ୍ୟକ ମାସରେ ସମୀକ୍ଷା କରୁଅଛନ୍ତି ।

(ଗ) ୨୦୦୮-୨୦୦୯ ବର୍ଷରେ ଏହି ବିଭାଗ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତଥା ଅନ୍ୟାନ୍ୟ ସଂସ୍ଥାମାନଙ୍କଠାରୁ ମୋଟ ୨୩୦ ଗୋଟି ଅଭିଯୋଗପତ୍ର ଗ୍ରହଣ କରିଛନ୍ତି ଓ ଏ ସମସ୍ତ ଫଏସଲା ନିମିତ୍ତ ସଂପୃକ୍ତ ବିଭାଗକୁ ପଠାଇଛନ୍ତି । ଏହା ବ୍ୟତୀତ ଉକ୍ତ ବିଭାଗର ମାସିକ ସମୀକ୍ଷା ଅନୁଯାୟୀ ବର୍ଷ ୨୦୦୮-୨୦୦୯ ମଧ୍ୟରେ ୧,୦୫୪୦୩ ମଧ୍ୟରୁ ୨୪୭୫୦ ଗୋଟି ଅଭିଯୋଗ ପତ୍ରର ଫଏସଲା କରାଯାଇ ପାରିଛି । ଏ ବିଭାଗ ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟଦପ୍ତର, ଜିଲ୍ଲାପାଳ ସ୍ତରର ଅଭିଯୋଗ ପତ୍ର ଫଏସଲାର ମାସିକ ସମୀକ୍ଷା କରିଛନ୍ତି ।

(ଘ) ଜନ ସଂପର୍କ ଶିବିର -

ଭାରତବର୍ଷ ଏକ ଗଣତାନ୍ତ୍ରିକ ରାଷ୍ଟ୍ର । ବସ୍ତୁତଃ ଜନସାଧାରଣଙ୍କର ମଙ୍ଗଳାଭିମୁଖୀ ସେବା ଏହାର ପରମ ଲକ୍ଷ୍ୟ । ଏହାକୁ ବାସ୍ତବ ରୂପ ଦେବାପାଇଁ ତଥା ପ୍ରଶାସନକୁ ଅଧିକ ଲୋକାଭିମୁଖୀ କରିବା ନିମିତ୍ତ '' ଜନ ସଂପର୍କ ଶିବିର '' ନାମକ ଏକ ନୂତନ ପରିକଳ୍ପନା ଗତ ୧୯୯୮ ଜୁଲାଇ

ମାସରୁ କାର୍ଯ୍ୟକାରୀ କରାଯାଇଅଛି । ଏବଂ ଦୂରଦୂରାନ୍ତରେ ଥିବା ପୁରପଲ୍ଲୀମାନଙ୍କରେ ଜିଲ୍ଲାପାଳମାନଙ୍କ ମାଧ୍ୟମରେ ଆୟୋଜନ କରାଯାଉଅଛି । ଛୋଟ ବଡ କାର୍ଯ୍ୟ ନିମନ୍ତେ ଜିଲ୍ଲା, ସବ୍‌ଡିଭିଜନ, ତହସିଲ ଓ ବ୍ଲକ ସଦରମହକୁମାକୁ ବାରମ୍ବାର ଦୌଡି ହତାଶ ହେଉଥିବା ଜନସାଧାରଣଙ୍କ ଦ୍ୱାରଦେଶରେ ପ୍ରଶାସନିକ ସେବା ଓ ସୁବିଧା ପହଞ୍ଚାଇବା ଏହି ପରିକଳ୍ପନାର ଅଭିପ୍ରାୟ । ନିର୍ଦ୍ଦିଷ୍ଟ ଗ୍ରାମାଞ୍ଚଳମାନଙ୍କର ଜିଲ୍ଲା ପ୍ରଶାସନ ଅଧିନସ୍ଥ ବିଭିନ୍ନ ସଂସ୍ଥାର ପଦାଧିକାରୀବୃନ୍ଦ ଉକ୍ତ ଶିବିରରେ ଯୋଗଦାନ କରି ସାଧାରଣ ଲୋକମାନଙ୍କର ବିଭିନ୍ନ ସେବା, ଯଥା - ଆୟ ସାର୍ଟିଫିକେଟ୍, ବିଧିସମ୍ମତ ଦାୟଦ ସାର୍ଟିଫିକେଟ୍, ଜନ୍ମ ଓ ମୃତ୍ୟୁର ପଂଜିକରଣ ସାର୍ଟିଫିକେଟ୍, ଜାତି ସାର୍ଟିଫିକେଟ୍, ଆବାସିକ ସାର୍ଟିଫିକେଟ୍, ଆଫିଡେଭିଟ୍, ପ୍ରମାଣିତ ନକଲ, ରାଜସ୍ୱ ଆଦାୟ, ପୌର ଟିକସ, ବିଦ୍ୟୁତ୍ ବିଲ୍ ପୈଠ, ଜଳକର, ଯାନବାହାନ କର, କୃଷି ଉପକରଣ, ଚାରା ତଥା ବିହନ ଯୋଗାଣ, ପ୍ରତିଷେଧକ ଔଷଧ, ରୋଗ ପ୍ରତିରୋଧକ ବ୍ୟବସ୍ଥା ଇତ୍ୟାଦି ପ୍ରଦାନ କରୁଅଛନ୍ତି ।

୧୯୯୮ ଜୁଲାଇ ଓ ଅଗଷ୍ଟ ମାସରେ ଅନୁଷ୍ଠିତ ହୋଇଥିବା ଶିବିର ଗୁଡିକର ଲୋକପ୍ରିୟତାକୁ ବିଚାରକୁ ନେଇ ସେ ବର୍ଷ ସେପେଟମ୍ବର ମାସରୁ ଅନ୍ୟୁନ ଗୋଟିଏ ଲେଖାଏଁ ଶିବିର ଆୟୋଜନ କରିବାକୁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ୨୦୦୮-୨୦୦୯ ବର୍ଷରେ ୨୪ ଗୋଟି ଶିବିର ଆୟୋଜନ କରାଯାଇଅଛି ଓ ଉକ୍ତ ପରିକଳ୍ପନା ମାଧ୍ୟମରେ ବହୁ ସଂଖ୍ୟାର ବ୍ୟକ୍ତି ବିଶେଷ ଉପକୃତ ହୋଇଛନ୍ତି ।

(ଙ) ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଭୂମିକା -

ସରକାରୀ ଛୁଟିକୁ ବାଦଦେଲେ ଗତ ତା ୨୯-୪-୨୦୦୦ରିଖ ଠାରୁ ପ୍ରତି ଶନିବାରଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟାନିର୍ବାହ କରିଆସୁଅଛି । ୨୦୦୮ - ୨୦୦୯ ବର୍ଷରେ ଉକ୍ତ ପ୍ରକୋଷ୍ଠରେ ୧୪୭୫୧ ଗୋଟି ଅଭିଯୋଗ ପତ୍ରର ଫଏସଲା ହୋଇପାରିଛି ।

(ଚ) ଓଡିଶା ଲୋକପାଳ ଓ ଲୋକାୟୁକ୍ତ - ପ୍ରଶାସନିକସ୍ତରରେ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ସଂପର୍କରେ ଅନୁଧ୍ୟାନ କରିବା ପାଇଁ ଓଡିଶା ଲୋକପାଳ ଓ ଲୋକାୟୁକ୍ତ ଆଇନ୍, ୧୯୯୫ କାର୍ଯ୍ୟକାରୀ କରାଯାଇଅଛି । ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ସମେତ ଅତିରିକ୍ତ ଶାସନ ସଚିବ ଓ ତଦୁର୍ଦ୍ଧ୍ୱ ଉଚ୍ଚପଦସ୍ଥ ବ୍ୟକ୍ତି ବିଶେଷ ଏହି ଆଇନର ପରିସରଭୁକ୍ତ ଅଟନ୍ତି । ଏହା ସହିତ ଗୁରୁତର ଅଭିଯୋଗ ମାମଲା ମଧ୍ୟ ଏହି ଅନୁଷ୍ଠାନ ଦ୍ୱାରା ବିଚାର କରାଯାଏ । ବର୍ଷ ୨୦୦୮-୦୯ ରେ ମାନ୍ୟବର ଲୋକପାଳଙ୍କ କାର୍ଯ୍ୟାଳୟ ଦ୍ୱାରା ମୋଟ ୮୭୩ ଟି କେଶ୍‌ର ଫଏସଲା କରାଯାଇଛି ।

## ପେନ୍‌ସନ୍ ପ୍ରଶାସନ୍ କକ୍ଷର କାର୍ଯ୍ୟ

ଫଏସଲା ନହୋଇ ରହିଥିବା ପେନ୍‌ସନ୍ ସମ୍ବନ୍ଧୀୟ ମାମଲାଗୁଡିକ ଏହି ବିଭାଗ ପେନ୍‌ସନ୍ ମଞ୍ଜୁରୀ ଅଧିକାରୀଙ୍କ ସହ ଯୋଗସୂତ୍ର ସ୍ଥାପନ କରି ଫଏସଲା କରିଥାଏ ଏବଂ

ରାଜ୍ୟର ମହାଲେଖାପାଳ ଓ ହିସାବ ନିୟନ୍ତ୍ରକଙ୍କ ସୁପାରିସ ଅନୁଯାୟୀ ପେନ୍‌ସନ୍ ମାମଲା ଗୁଡିକୁ ଏହି ବିଭାଗ ରାଜ୍ୟର ବିଭିନ୍ନ ଜିଲ୍ଲାସଦର ମହକୁମାରେ ପେନ୍‌ସନ୍ ଅଦାଲତ ଆୟୋଜନକରି ବକେୟା ପେନ୍‌ସନ୍ ମାମଲା ଫଏସଲା କରିଥାଏ ।

(କ) ଯୋଗାଯୋଗ ମାଧ୍ୟମରେ ଫଏସଲା ହୋଇଥିବା ମାମଲା-- ବିଳମ୍ବ ଜନିତ ପେନ୍‌ସନ୍ ମାମଲା ଫଏସଲାର ଅଭିଯୋଗ ପତ୍ର ଏ ବିଭାଗରେ ଗ୍ରହଣ କରାଯାଏ । ବର୍ଷ ୨୦୦୮-୨୦୦୯ ରେ ଏ ବିଭାଗରେ ପ୍ରାପ୍ତ ମୋଟ ୪୪୩ ଗୋଟି ପେନ୍‌ସନ ଅଭିଯୋଗ ପତ୍ରର ଫଏସଲା ପାଇଁ ସଂପୃକ୍ତ ପେନ୍‌ସନ୍ ମଞ୍ଜୁରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ବର୍ଷ ୨୦୦୮-୨୦୦୯ ରେ ରାୟଗଡା ଓ ନବରଙ୍ଗପୁର ଜିଲ୍ଲାରେ ଯଥାକ୍ରମେ ତା ୨୨.୦୧.୦୯ ଓ ୦୫.୦୨.୦୯ ରେ ପେନ୍‌ସନ୍ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଦାଲତ ମାଧ୍ୟମରେ ରାୟଗଡା ଜିଲ୍ଲାର ୨୨୫ ଗୋଟି ଏବଂ ନବରଙ୍ଗପୁର ଜିଲ୍ଲାର ୨୦୮ ଗୋଟି ପେନ୍‌ସନ୍ ମାମଲାର ଫଏସଲା କରାଯାଇଅଛି । ପୁନଶ୍ଚ, ସମ୍ବଲପୁର ଜିଲ୍ଲାରେ ତା ୨୬.୦୨.୦୯ ରିଖରେ ଓ ଗଜପତି ଜିଲ୍ଲାରେ ତା ୦୯.୦୩.୦୯ ରିଖରେ ପେନ୍‌ସନ୍ ଅଦାଲତର ପ୍ରାକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏତଦ୍ ବ୍ୟତୀତ, ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ ଦପ୍ତର ଓ ଜିଲ୍ଲାପାଳଙ୍କ ସ୍ତରରେ ବକେୟା ପେନ୍‌ସନ୍ ମାମଲାର ତ୍ରୟମାସିକ ସମୀକ୍ଷା ମାଧ୍ୟମରେ ଆଶୁ ସମାଧାନ ନିମନ୍ତେ ଏ ବିଭାଗ ଉଦ୍ୟମ ଜାରିରଖିଛି । ବର୍ତ୍ତମାନ ରାଜ୍ୟର ୨,୫୯,୭୩୪ ଜଣ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପେନ୍‌ସନ୍ ପାଉଛନ୍ତି ।

ବିଭାଗର କମିଶନର ତଥା ଶାସନ ସଚିବଙ୍କ ଦ୍ୱାରା ତା ୩୧.୧୨.୨୦୦୮ ରିଖ ସୁଦ୍ଧା ସମାପ୍ତ ହୋଇଥିବା ତ୍ରୟମାସିକ ସମୀକ୍ଷା ଅନୁଯାଇ ବକେୟା ପେନ୍‌ସନ୍ ମାମଲାର ତଥ୍ୟ ନିମ୍ନମତେ ପ୍ରଦତ୍ତ ହେଲା ।

| | | |
|---|---|---|
| ସରକାରୀ ବିଭାଗ | - | ୧୪୦୨ |
| ବିଭାଗୀୟ ମୁଖ୍ୟ ଦପ୍ତର | - | ୧୧୩୬ |
| ଜିଲ୍ଲାପାଳ କାର୍ଯ୍ୟାଳୟ | - | ୭୫୯ |
| ମୋଟ | - | ୩୨୯୭ |

***